Chapter- 3

# ଶୁଖିଲା ପତ୍ରର କଥା

## STUDY NOTES

**ବିଷୟର ସାରକଥା:**

- ପୂର୍ବ କାଳରେ ଆଶ୍ରମର ଶିଷ୍ୟମାନଙ୍କୁ ଗୁରୁଙ୍କ ଶିକ୍ଷା ପ୍ରଦାନର ବ୍ୟବସ୍ଥା ଥିଲା ।
- ଶିକ୍ଷା ସମାପନ ପରେ ଶିଷ୍ୟମାନେ ଗୁରୁଙ୍କୁ ଦକ୍ଷିଣା ପ୍ରଦାନର ବିଧି ଥିଲା ।
- ଗୁରୁକୁଳ ଆଶ୍ରମରେ ଶିଶିର ଓ ତୁଷାର ଅଧ୍ୟୟନରତ ଥିଲେ ।
- ଶିକ୍ଷା ସମାପନ ପରେ ଗୁରୁଙ୍କୁ ଦକ୍ଷିଣା ଦେବାକୁ ଦୁହିଁଙ୍କର ଅଭିଳାଷ ଥିଲା ।
- ଗୁରୁଙ୍କ ନିର୍ଦ୍ଦେଶ ଥିଲା, କିଛି ଶୁଖିଲା ପତ୍ର ଦକ୍ଷିଣା ଦେବାକୁ । ଯେଉଁ ପତ୍ର ଯାହାର କିଛି ଦରକାରରେ ଆସୁନଥିବ ।
- ଶିଶିର ଓ ତୁଷାର ଶୁଖିଲା ପତ୍ର ସଂଗ୍ରହରେ ବାହାରିଗଲେ ।
- ପ୍ରଥମେ ଜଣେ ବୁଢ଼ୀଠାରୁ ନିରାଶ ହୋଇ ଫେରିଲେ ।
- ଦ୍ୱିତୀୟରେ ଜଣେ ବୁଢ଼ୀଠାରୁ ନିରାଶ ହୋଇ ଫେରିଲେ ।
- ସେମାନେ ଶୁଖିଲା ପତ୍ର ଗୋଟାଉଥିଲେ ତାଙ୍କର ଦରକାର ଥିଲା ।
- ତୃତୀୟରେ ଶୁଖିଲାପତ୍ର ପକ୍ଷୀର ଦରକାର ସେମାନେ ଦେଖିଲେ ।
- ପାଣିରେ ଭାସୁଥିବା ଶୁଖିଲା ପତ୍ରରେ ଚଢ଼ି ପିମ୍ପୁଡ଼ିମାନେ ମଧ୍ୟ ଯିବାଆସିବା କରୁଛନ୍ତି ।
- ପାଣିନାଳ ପାଖରୁ ମଧ୍ୟ ଶିଶିର ଓ ତୁଷାର ନିରାଶ ହେଲେ ।
- ଶୁଖିଲା ପତ୍ର ସମସ୍ତଙ୍କର ଦରକାରରେ ଆସୁଛି ।
- ଶେଷକୁ ସେମାନେ ନିରାଶ ହୋଇ ଗୁରୁଙ୍କ ନିକଟରେ ପହଞ୍ଚିଲେ ।
- ଗୁରୁଙ୍କୁ ସେ ବିଷୟରେ ଜଣାଇଲେ ।
- ଗୁରୁ ଅତ୍ୟନ୍ତ ଖୁସି ହୋଇ କହିଲେ- ବସ ! ମନଦୁଃଖ କରନା । ଭଗବାନଙ୍କ ସୃଷ୍ଟିରେ ସବୁ ଜିନିଷର ଆବଶ୍ୟକତା ରହିଛି । ଶୁଖିଲା ପତ୍ରଟାଏ ମଧ୍ୟ ଦରକାରରେ ଆସୁଛି ।
- ଆଜିଠାରୁ ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଯାଅ ।
- ମଣିଷର ଜନ୍ମ ଅନ୍ୟର ଉପକାର ପାଇଁ । ଏକଥା ତୁମେ ଯେପରି ନ ଭୁଲ ।
- ମୋର ଦକ୍ଷିଣା ଦରକାର ନାହିଁ ।
- ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଗଲେ ସେହି ହେବ ମୋର ଶ୍ରେଷ୍ଠ ଗୁରୁଦକ୍ଷିଣା ।

ODM EDUCATIONAL GROUP Changing your Tomorrow

କଠିନ ଶବ୍ଦର ଅର୍ଥ:

| | | | |
|---|---|---|---|
| ସମିଧ | - ହୋମକାଠ | ପରମ | - ଶ୍ରେଷ୍ଠ |
| ସମାପନ | - ଶେଷ | ହତାଶ | - ନିରାଶ |
| ପ୍ରତ୍ୟାବର୍ତ୍ତନ | - ଫେରିବା | ନିରୀକ୍ଷଣ | - ଲକ୍ଷ୍ୟ |
| ଅଭିଳାଷ | - ଇଚ୍ଛା | ପରିହାସ | - ଥଟ୍ଟା |
| ସନ୍ତୁଷ୍ଟ | - ଖୁସି | ଶୂନ୍ୟହସ୍ତ | - ଖାଲିହାତ |
| ବିସ୍ମିତ | - ଆଶ୍ଚର୍ଯ୍ୟ | ନିଷ୍ଠା | - ଏକାଗ୍ରତା |
| ତାତ୍ପର୍ଯ୍ୟ | - ଉଦ୍ଦେଶ୍ୟ | ବ୍ୟସ୍ତ | - ବିଚଳିତ |
| ସନ୍ଧାନ | - ଖୋଜିବା | ଉଦ୍ଦିଷ୍ଟ | - ନିରୂପିତ, ନିର୍ଦ୍ଧାରିତ |

୧. ଆସ କଥାବାର୍ତ୍ତା ହେବା ।

କ) ପୂର୍ବକାଳରେ ଶିଷ୍ୟମାନେ ଅଧ୍ୟୟନ ପାଇଁ କେଉଁ ସ୍ଥାନକୁ ଯାଉଥିଲେ ?

ଉ: ପୂର୍ବ କାଳରେ ଶିଷ୍ୟମାନେ ଅଧ୍ୟୟନ ପାଇଁ ଗୁରୁଙ୍କ ଆଶ୍ରମକୁ ଯାଉଥିଲେ ।

ଖ) ପାଠପଢ଼ା ବ୍ୟତୀତ ଶିଷ୍ୟମାନେ ଆଶ୍ରମରେ ଆଉ କେଉଁ କେଉଁ କାର୍ଯ୍ୟ କରୁଥିଲେ ?

ଉ: ପାଠପଢ଼ା ବ୍ୟତୀତ ଶିଷ୍ୟମାନେ ଆଶ୍ରମରେ ହୋମ ପାଇଁ ସମିଧ ସଂଗ୍ରହ, ଗାଈଗୋରୁଙ୍କୁ ଚରାଇବା, ଆଶ୍ରମବାସୀଙ୍କ ପାଇଁ ଫଳମୂଳ ସଂଗ୍ରହ ଆଦି କାର୍ଯ୍ୟ କରୁଥିଲେ ।

ଗ) ପାଠପଢ଼ା ସରିବା ପରେ ଦୁଇଶିଷ୍ୟ ଗୁରୁଙ୍କୁ କ'ଣ ଜଣାଇଲେ ?

ଉ: ପାଠପଢ଼ା ସରିବା ପରେ ଦୁଇ ଶିଷ୍ୟ ଗୁରୁଙ୍କୁ ଗୁରୁଦକ୍ଷିଣା ଦେବା ପାଇଁ ଜଣାଇଲେ ।

ଘ) କେଉଁ ଜିନିଷ ଦକ୍ଷିଣା ରୂପେ ଦେବା ପାଇଁ ଗୁରୁ ଶିଷ୍ୟଙ୍କୁ କହିଥିଲେ ?

ଉ: ଅନ୍ୟ କାହାର ଦରକାରରେ ଆସୁନଥିବା କେତୋଟି ଶୁଖିଲାପତ୍ର ଦକ୍ଷିଣା ରୂପେ ଦେବା ପାଇଁ ଗୁରୁ ଶିଷ୍ୟଙ୍କୁ କହିଥିଲେ ।

ଙ) ଗୁରୁଦକ୍ଷିଣା ରୂପେ ଏପରି ଜିନିଷ ମାଗିବାର କାରଣ କ'ଣ ଥିଲା ?

ଉ: ଜ୍ଞାନଚକ୍ଷୁ ଖୋଲିବା ନିମନ୍ତେ ଗୁରୁ ଏପରି ଜିନିଷ ମାଗିବାର କାରଣ ଥିଲା ।

୨. ଉତ୍ତର ଲେଖିବା ।

କ) ବୁଢ଼ୀଟି ଶୁଖିଲା ପତ୍ର ନେଇ କ'ଣ କରିବ ବୋଲି କହିଲା ?

ଉ: ବୁଢ଼ୀଟି ଶୁଖିଲା ପତ୍ର ନେଇ ଜାଳ କରି ଖୁଦ ମୁଠେ ଜାଉ କରି ଖାଇବ ବୋଲି କହିଲା ।

ଖ) ଶୁଖିଲା ପତ୍ରକୁ କିପରି ବ୍ୟବହାର କରିବ ବୋଲି ଲୋକଟି ଉତ୍ତର ଦେଲା ?

ଉ: ଶୁଖିଲା ପତ୍ରକୁ ଜାଳି ପାଉଁଶ କରି, ସାର କରି କ୍ଷେତରେ ଦେବ ବୋଲି ଲୋକଟି ଉତ୍ତର ଦେଲା ।

ଗ) ଶୁଖିଲା ପତ୍ର ଔଷଧରେ ପରିଣତ ହେବ ବୋଲି ଶିଷ୍ୟ ଦୁହେଁ ଜାଣିପାରିଲେ କିପରି ?

ଉ: ସେ ଲୋକଟି ଯେତେବେଳେ କହିଲା ଶୁଖିଲା ପତ୍ରକୁ ଗୁଣ୍ଡକରି ପାଣିରେ ଫୁଟାଇ ପିଇଲେ ଜ୍ୱର ଭଲ ହୁଏ, ସେତେବେଳେ ଶିଷ୍ୟ ଦୁହେଁ ଶୁଖିଲା ପତ୍ର ଔଷଧରେ ପରିଣତ ହେବ ବୋଲି ଜାଣିଲେ ।

ଘ) ମାଆ ପାଇଁ କିପରି ଔଷଧ କିଣିପାରିବ ବୋଲି ଝିଅଟି କହିଲା ?

ଉ: ଶୁଖିଲାପତ୍ରକୁ ଖଲି ଆଉ ଠୋଲା କରି ବିକ୍ରି କରି ସେହି ପଇସାରେ ମାଆ ପାଇଁ ଔଷଧ କିଣିପାରିବ ବୋଲି ଝିଅଟି କହିଲା ।

ଙ) ପକ୍ଷୀଟି ଶୁଖିଲା ପତ୍ର ନେଇ କ'ଣ କଲା ?

ଉ: ପକ୍ଷୀଟି ଶୁଖିଲା ପତ୍ର ନେଇ ବସା ତିଆରି କଲା ।

ଚ) ଶୁଖିଲା ପତ୍ରକୁ ପିମ୍ପୁଡ଼ି କିପରି ବ୍ୟବହାର କରୁଥିବାର ଶିଷ୍ୟ ଦୁହେଁ ଦେଖିଲେ ?

ଉ: ଶୁଖିଲା ପତ୍ରକୁ ପିମ୍ପୁଡ଼ିମାନେ ଆଶ୍ରାକରି ଖାଦ୍ୟ କଣିକା ଧରି ପାଣିନାଳର ଏପାରିରୁ ସେପରି ଯାଉଥିବା ଶିଷ୍ୟ ଦୁହେଁ ଦେଖିଲେ ।

୩. ସରଳ ଭାଷାରେ ବୁଝାଇ ଲେଖିବା ।

କ) "କିନ୍ତୁ ମନେରଖ .................... ଆସୁ ନଥିବ ।"

ଉକ୍ତ ଗଦ୍ୟାଂଶଟି ଆମ ପଠିତ ନନ୍ଦକିଶୋର ସିଂହଙ୍କ ଲିଖିତ "ଶୁଖିଲା ପତ୍ରର କଥା" ବିଷୟରୁ ଆସିଅଛି । ଏଠାରେ ଗୁରୁ ମାଗିଥିବା ଦକ୍ଷିଣା ବିଷୟରେ ଲେଖକ ବର୍ଣ୍ଣନା କରିଛନ୍ତି ।

ଏକଦା ଶିଶିର ଓ ତୁଷାର ଗୁରୁକୁଳ ଆଶ୍ରମରେ ଶିକ୍ଷାଲାଭ କରୁଥିଲେ । ଶିକ୍ଷା ସମାପ୍ତ ପରେ ଦୁଇ ଶିଷ୍ୟ ଗୃହକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଗୁରୁଙ୍କୁ ସାକ୍ଷାତ କଲେ । କିଛି ଗୁରୁଙ୍କୁ ଦକ୍ଷିଣା ଦେବା ପାଇଁ ନିଜର ଅଭିଳାଷ ଜଣାଇଲେ । ଦକ୍ଷିଣା ନେବା ପାଇଁ ଗୁରୁ ଅନିଚ୍ଛା ପ୍ରକାଶ କଲେ । ଶିଶିର ଓ ତୁଷାର ଦକ୍ଷିଣା ଦେବା ପାଇଁ ବହୁତ ଅନୁରୋଧ କଲେ । ଦକ୍ଷିଣା ସ୍ୱରୂପ କେତୋଟି ଶୁଖିଲା ପତ୍ର ଗୁରୁ ତାଙ୍କୁ ମାଗିଲେ । ଆଉ ସେତିକିବେଳେ ଗୁରୁ ମଧ ତାଙ୍କୁ କହିଥିଲେ, ମନେରଖ ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁନଥିବ । ଯଦି ସେ ପତ୍ର କାହାର ଦରକାରରେ ଆସୁଥିବ, ସେ ପତ୍ର ଆଣିବ ନାହିଁ ।

ଯଥାର୍ଥରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

ODM EDUCATIONAL GROUP Changing your Tomorrow

ଖ) "ସୃଷ୍ଟିର ମଙ୍ଗଳ ................. ପ୍ରକୃତ ଗୁରୁଦକ୍ଷିଣା।"

ଉକ୍ତ ଗଦ୍ୟାଂଶଟି ଆମ ପଠିତ ନନ୍ଦକିଶୋର ସିଂହଙ୍କ ଲିଖିତ "ଶୁଖିଲା ପତ୍ରର କଥା" ବିଷୟରୁ ଆସିଅଛି। ଏଠାରେ ଲେଖକ ପ୍ରକୃତ ବା ଶ୍ରେଷ୍ଠ ଗୁରୁଦକ୍ଷିଣା ବିଷୟରେ ବର୍ଣ୍ଣନା କରିଛନ୍ତି।

ଗୁରୁଙ୍କ ଆଜ୍ଞା ପାଇ ଶିଶିର ଓ ତୁଷାର ଶୁଖିଲା ପତ୍ରର ସନ୍ଧାନରେ ବାହାରିପଡ଼ିଲେ, ଯେଉଁଠି ଶୁଖିଲା ପତ୍ର ଦେଖିଲେ, ସେ ପତ୍ର ତାଙ୍କର ଦରକାରରେ ଆସୁନାହିଁ ବୋଲି ଜାଣିବାକୁ ପାଇଲେ। ବୁଢ଼ୀଠାରୁ, ଲୋକଟିଠାରୁ, ଝିଅଟିଠାରୁ ନିରାଶ ହୋଇ ଫେରିଲେ। ଶେଷରେ ଶୁଖିଲାପତ୍ର ଚଢ଼େଇ ଓ ପିମ୍ପୁଡ଼ିର ଦରକାରରେ ଆସୁଛି ବୋଲି ଜାଣିଲେ। ଉପାୟଶୂନ୍ୟ ହୋଇ ଦୁହେଁ ଗୁରୁଙ୍କ ପାଖକୁ ଆସି ଦୁଃଖ ଜଣାଇଲେ। କାହାର ଦରକାରରେ ଆସୁନଥିବା ଶୁଖିଲାପତ୍ର ପାଇପାରିଲେ ନାହିଁ। ଏଥିରେ ଗୁରୁ ଭାରି ଖୁସି ହୋଇ କହିଲେ, ଭଗବାନଙ୍କ ସୃଷ୍ଟିରେ ସାମାନ୍ୟ ଶୁଖିଲା ପତ୍ର ମଧ୍ୟ ଦରକାରରେ ଆସୁଛି। କେତେ ଜୀବଙ୍କ ଉପକାର କରୁଛି। ତୁମେ ମଣିଷଜନ୍ମ ପାଇଛ, ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଯାଅ। ଲୋକଙ୍କୁ ସାହାଯ୍ୟ କର, ଲୋକଙ୍କ ସେବା କର। ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଗଲେ ସେହି ହେବ ମୋର ପ୍ରକୃତ ଗୁରୁଦକ୍ଷିଣା।

ଏଠାରେ ଲେଖକଙ୍କ ଉକ୍ତିଟି ସୁନ୍ଦର ହୋଇଛି।

୪. ଯେପରି 'କର୍ତ୍ତବ୍ୟ' ଶବ୍ଦ ପୂର୍ବରୁ 'ପରମ' ଯୋଗ ହୋଇ 'ପରମକର୍ତ୍ତବ୍ୟ' ହୋଇଛି, ସେହିପରି ଆଉ କେଉଁ କେଉଁ ଶବ୍ଦ ପୂର୍ବରୁ 'ପରମ' ଯୋଗ ହୋଇପାରିବ ୫ଟି ନୂତନ ଶବ୍ଦ ତିଆରି କରି ତଳେ ଲେଖ।

ଉ: ପରମଧର୍ମ, ପରମପୂଜ୍ୟ, ପରମଶିଷ୍ୟ, ପରମଗୁରୁ, ପରମଭକ୍ତ।

୫. ଯାହା ବୁଝି ହୁଏ ନାହିଁ ତାହା 'ଅବୁଝା' କିମ୍ବା 'ଅବୋଧ'। ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଗୋଟିଏ ଶବ୍ଦରେ ପ୍ରକାଶ କରି ଲେଖିବା।

କ) ଯାହା କାଟି ହୁଏ ନାହିଁ - ଅକାଟ୍ୟ

ଖ) ଯେଉଁଠିକୁ ଯାଇ ହୁଏ ନାହିଁ - ଅଗମ୍ୟ

ଗ) ଯାହା କହି ହୁଏ ନାହିଁ - ଅକଥ୍ୟ

ଘ) ଯାହା ସହି ହୁଏ ନାହିଁ - ଅସହ୍ୟ

୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ବାକ୍ୟର ରେଖାଙ୍କିତ ପଦମାନଙ୍କ ବଦଳରେ ଲେଖିବା।

(ପ୍ରତ୍ୟାବର୍ତ୍ତନ, ସାକ୍ଷାତ, ନାନାବିଧ, ସାଉଁଟି, ଅନ୍ୟତ୍ର)

କ) ଶିଷ୍ୟ ଦୁହେଁ ଶୁଖିଲା ପତ୍ର ଆଣିବା ପାଇଁ ଅନ୍ୟତ୍ର ଗଲେ।

ଖ) ବୁଢ଼ୀଟି ଗଛମୂଳରେ କିଛି ପତ୍ର <u>ସାଉଁଟି</u> ରଖିଥିଲା ।

ଗ) ଚରକ ଉଦ୍ୟାନରେ <u>ନାନାବିଧ</u> ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ ।

ଘ) ଶିଷ୍ୟ ଦୁହେଁ ଶୁଖିଲା ପତ୍ର ଆଣିନପାରି <u>ପ୍ରତ୍ୟାବର୍ତ୍ତନ</u> କଲେ ।

ଙ) ଝିଅଟି ପତ୍ର ଗୋଟାଇବା ସମୟରେ ତା' ସହିତ ଶିଷ୍ୟ ଦୁହିଁଙ୍କର <u>ସାକ୍ଷାତ</u> ହେଲା ।

୭. ନିମ୍ନରେ ଦିଆଯାଇଥିବା ଶବ୍ଦମାନଙ୍କୁ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଖାତାରେ ଲେଖ ।

ଦକ୍ଷିଣା - ଦାନ ଦେଲେ ଦକ୍ଷିଣା ଦେବାକୁ ପଡ଼ିଥାଏ ।

ଶୂନ୍ୟହସ୍ତ - ଲୋକଟି ବଜାରରୁ ଶୂନ୍ୟହସ୍ତରେ ଫେରିଲା ।

ଅଭିଳାଷ - ଉଚ୍ଚହେବା ପାଇଁ ଅଭିଳାଷ ରଖିବା ଉଚିତ୍ ।

ଆଶା - ଆଶାର ବିନାଶରେ ଦୁଃଖର ବିନାଶ ।

ପ୍ରତ୍ୟାବର୍ତ୍ତନ - ସନ୍ଧ୍ୟାରେ ପକ୍ଷୀମାନେ ବସାକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

ପୂର୍ଣ୍ଣ - ମାଠିଆଟି ଜଳରେ ପୂର୍ଣ୍ଣ ଅଛି ।

ହତାଶ - ରାମ ବଜାରରୁ ମାଛ ନ ପାଇ ହତାଶରେ ଫେରିଲା ।

ନିଷ୍ଠା - ସବୁ କାମ ନିଷ୍ଠାର ସହିତ କରିବା ଉଚିତ୍ ।

ସନ୍ତୁଷ୍ଟ - ସନ୍ତୁଷ୍ଟ ହୋଇ ସବୁ ଖାଦ୍ୟ ଖାଇବା ଉଚିତ୍ ।

ପରିହାସ - ଅନ୍ଧମାନଙ୍କୁ ପରିହାସ କରିବା ଅନୁଚିତ୍ ।

ପାତ୍ର - ପାତ୍ରରେ ଜିନିଷପତ୍ର ରଖାଯାଏ ।

୮. ତଳେ ଦିଆଯାଇଥିବା ଅନୁଚ୍ଛେଦକୁ ପଢ଼ି କେତୋଟି ପ୍ରଶ୍ନ ତିଆରି କରିବା, ଯାହାର ଉତ୍ତର ଏହି ଅନୁଚ୍ଛେଦରେ ଥିବ ।

କ) କିଏ ଗୁରୁଙ୍କୁ ସାକ୍ଷାତ କଲେ ?

ଖ) ଗୁରୁ କ'ଣ ଅନିଚ୍ଛା ପ୍ରକାଶ କଲେ ?

ଗ) ଶିଷ୍ୟ ଦୁଇଜଣ ଗୁରୁଙ୍କୁ କ'ଣ ଅନୁରୋଧ କଲେ ?

ଘ) ଗୁରୁ ଚିନ୍ତାକରି କ'ଣ କହିଲେ ?

ଙ) କ'ଣ ଦେବା ପାଇଁ ଶିଷ୍ୟ ଦୁଇଜଣ ନିଜ ନିଜର ଅଭିଳାଷ ଜଣାଇଲେ ?

୯. ଯେପରି 'ହାସ' ସହ 'ପରି' ଯୋଗ ହୋଇ 'ପରିହାସ' ଶବ୍ଦଟି ହୋଇଛି, ସେହିପରି ପୂର୍ବରୁ 'ପରି' ଯୋଗକରି ଆଉ ୮ଟି ଶବ୍ଦ ଗଢ଼ିବା ।

ପରିପ୍ରକାଶ, ପରିଶ୍ରମ, ପରିତ୍ରାଣ, ପରିତ୍ୟାଗ, ପରିତ୍ୟକ୍ତ, ପରିଧାନ, ପରିଧେୟ, ପରିଚୟ, ପରିଷ୍କାର, ପରିପକ୍ୱ, ପରିବାର ।

ODM EDUCATIONAL GROUP changing your tomorrow

୧୦. ଯେପରି 'ଶୁଖିଲା ପତ୍ର' ସେପରି ଏହି ଗପଟିରେ ଥିବା ନିମ୍ନଲିଖିତ ଶବ୍ଦମାନଙ୍କ ପୂର୍ବରୁ କେଉଁ ଶବ୍ଦ ଯୋଗ ହୋଇଛି ଖୋଜି ଲେଖିବା ।

**ବିରାଟ** ଆମ୍ବତୋଟା, **ଭଲ** ଫସଲ, **ଅବ୍ୟର୍ଥ** ଔଷଧ, **ଶୂନ୍ୟ** ହସ୍ତ

♦♦♦

ODM EDUCATIONAL GROUP Changing your Tomorrow